# NATIONAL NEWS BULLETIN (ODIA)

## 18 July - 2025

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବିହାର ଓ ପଶ୍ଚିମବଙ୍ଗରେ ଆଜି ବିବିଧ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ।
- ଦେଶର ପ୍ରତ୍ୟେକ ଗ୍ରାମରେ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି କେନ୍ଦ୍ର ସରକାର କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ସକ୍ରିୟ ଅଂଶଗ୍ରହଣ ଲାଗି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କ ଯୁବବର୍ଗଙ୍କୁ ଆହ୍ୱାନ ।
- ଗତ ୧୧ ବର୍ଷ ମଧ୍ୟରେ ଦେଶରେ ୫୫ ହଜାରରୁ ଊର୍ଦ୍ଧ୍ୱ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଇଛି ବୋଲି ବିଭାଗୀୟ ରାଷ୍ଟ୍ର ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଲଦାଖର ଉପରାଜ୍ୟପାଳ ଭାବେ ଆଜି ଦାୟିତ୍ୱ ଗ୍ରହଣ କଲେ ଜାମ୍ମୁ କାଶ୍ମୀରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କଭିନ୍ଦର ଗୁପ୍ତା ।

# ପିଏମ୍-ପଶ୍ଚିମବଙ୍ଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗ ଗସ୍ତ କରି ଦୁର୍ଗାପୁର ଠାରେ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିବିଧ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଏହି ପ୍ରକଳ୍ପ ଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ସଂଯୋଗୀକରଣକୁ ବୃଦ୍ଧି କରିବା ସହିତ ଗ୍ୟାସ୍ ଭିତ୍ତିକ ପରିବହନ ଓ ଅର୍ଥନୀତିକୁ ପ୍ରୋତ୍ସାହନ ଦେବ । ସଂପୃକ୍ତ ପ୍ରକଳ୍ପଗୁଡ଼ିକ ଏହି ଇସ୍ପାତ୍ ସହର ଦୁର୍ଗାପୁରକୁ ଅଧିକ ସଶକ୍ତ କରିବାରେ ସହାୟକ ହେବ ।

**V/O-PM-DURGAPUR**

ବିକଶିତ ଭାରତ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଏଥିଲାଗି ତାଙ୍କ ସରକାର ଦେଶ ବ୍ୟାପି ପ୍ରତ୍ୟେକ କ୍ଷେତ୍ରର ଭିତ୍ତିଭୂମିକୁ ସୁସଂହତ କରିବା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ।

**V/O-PM-MODI-WB-VIKSIT-BHARAT**

# ପିଏମ୍ ବିହାର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରଥମେ ବିହାର ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ୍ –

# ଶାହା ସ୍ପୋର୍ଟସ୍

ଦେଶର ପ୍ରତ୍ୟେକ ଗ୍ରାମରେ କ୍ରୀଡ଼ାକୁ ପହଞ୍ଚାଇବା ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଏକବିଂଶତମ ବିଶ୍ୱ ପୋଲିସ୍ ଓ ଅଗ୍ନିସମ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ଭାରତୀୟ ପ୍ରତିନିଧି ଦଳଙ୍କୁ ସମ୍ମାନିତ କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ଦେଶ ବ୍ୟାପି ବିଭିନ୍ନ ବୟସର ପିଲାଙ୍କୁ ଏକ ବୈଜ୍ଞାନିକ ପଦ୍ଧତିରେ ଚୟନ କରାଯାଇ ବିଭିନ୍ନ କ୍ରୀଡ଼ା ଲାଗି ପ୍ରଶିକ୍ଷଣ ଦିଆଯାଉଛି । ଗତ ଦଶବର୍ଷ ମଧ୍ୟରେ କେନ୍ଦ୍ର ସରକାର କ୍ରୀଡ଼ା କ୍ଷେତ୍ର ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ସହ ଏଥିଲାଗି ବଜେଟ୍ ପରିମାଣକୁ ପ୍ରାୟ ୫ ଗୁଣା ବୃଦ୍ଧି କରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି, ୨୦୩୬

ଅଲିମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗିତା ଲାଗି ସରକାର ପ୍ରାୟ ୩ ହଜାର କ୍ରୀଡ଼ାବିତ୍‌ଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ଏଥିଲାଗି ସେମାନଙ୍କୁ ମାସିକ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି । ଏହି ଅଲିମ୍ପିକ୍ସ ପ୍ରତିଯୋଗିତାରେ ସର୍ବୋଚ୍ଚ  ପଦକ ତାଲିକାରେ ଭାରତ ପ୍ରଥମ ୫ଟି ଦେଶ ମଧ୍ୟରେ ସ୍ଥାନ ପାଇବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି ।

## ଗୋୟଲ-କନ୍‌ଫରେନ୍ସ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଆଜି ନଏଡ଼ାଠାରେ ରାଷ୍ଟ୍ରଗୁଡ଼ିକୁ ଏକତ୍ର କରିବା ଲାଗି ଭାରତର ଆନ୍ତର୍ଜାତିକ ଅଭିଯାନ ସମ୍ମିଳନୀ ୨୦୨୫କୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ସକ୍ରିୟ ଅଂଶଗ୍ରହଣ ଲାଗି ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ଅମୃତକାଳ ଅବସରରେ ପଞ୍ଚପ୍ରାଣ ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହି ଦୂରଦୃଷ୍ଟି ସମ୍ପନ୍ନ ସ୍ୱପ୍ନକୁ ସାକାର କରିବା ଲାଗି ସେ ଯୁବବର୍ଗଙ୍କୁ ପରାମର୍ଶ ଦେଇଛନ୍ତି । ଶ୍ରୀ ଗୋୟଲ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶର ସାମଗ୍ରୀକ ବିକାଶ ଲାଗି ଭାରତ ବିଭିନ୍ନ କ୍ଷେତ୍ରରେ ପ୍ରମୁଖ

ରୂପାନ୍ତରୀକରଣ କରିବାରେ ସଫଳ ହୋଇଛି । ଦେଶ ନିର୍ମାଣକୁ ନିଜର କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ସହିତ ଏ ଦିଗରେ ପ୍ରତ୍ୟେକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ତ୍ୟାଗ ଏବଂ ପ୍ରତିବଦ୍ଧତା ସହ ସମ୍ପନ୍ନ କରିବା ଲାଗି ସେ ଯୁବବର୍ଗଙ୍କୁ ଉତ୍ସାହିତ କରିଛନ୍ତି । ସାମଗ୍ରୀକ ଭାବେ ଦେଶର ତଥା ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକଙ୍କର ଭବିଷ୍ୟତକୁ ସମୃଦ୍ଧ କରି ତୋଳିବା ଦିଗରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଦେଶର ଶିକ୍ଷକମାନଙ୍କ ପ୍ରତି ଶ୍ରୀ ଗୋୟଲ ଏହି ଅବସରରେ କୃତଜ୍ଞତା ଜଣାଇଛନ୍ତି ।

## ମାଲହୋତ୍ରା-ହାଇୱେ

ଦେଶରେ ଏକ ବିଶ୍ୱସ୍ତରୀୟ ସଡ଼କ ଏବଂ ଗମନାଗମନ ଭିତ୍ତିଭୂମି ନିର୍ମାଣ କରିବା ଦିଗରେ ସରକାର ପ୍ରତିବଦ୍ଧ ବୋଲି ସଡ଼କ, ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏକ ସମ୍ପର୍କିତ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ମାଲହୋତ୍ରା କହିଛନ୍ତି, ଏହାଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ହାସଲ ହେବା ସହ ଜନସାଧାରଣଙ୍କ ଲାଗି ଏକ ସ୍ଥାୟୀ ତଥା ସୁରକ୍ଷିତ ସଂଯୋଗୀକରଣ ବ୍ୟବସ୍ଥା ସମ୍ଭବ ହୋଇପାରିବ । ଗତ ୧୧ ବର୍ଷ ମଧ୍ୟରେ ଦେଶରେ

ଉନ୍ନତମାନର ରାଜପଥ ନିର୍ମାଣ କରାଯିବା ଦ୍ୱାରା ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହିତ ବିଭିନ୍ନ ସହରଗୁଡ଼ିକୁ ମଧ୍ୟ ସଂଯୋଗ କରାଯାଇପାରିଛି । ୨୦୧୪ ମସିହାରେ ଜାତୀୟ ରାଜପଥ ନେଟ୍‌ୱାର୍କ ଦେଶରେ ୯୧ ହଜାର କିଲୋମିଟର ଥିବା ବେଳେ ଗତ ୧୧ ବର୍ଷରେ ଏହା ବୃଦ୍ଧି ପାଇ ୧ ଲକ୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ କିଲୋମିଟରରେ ପହଞ୍ଚିଛି । ଯାହାକି ବିଶ୍ୱରେ ଦ୍ୱିତୀୟ ସର୍ବବୃହତ ସଡ଼କ ନେଟ୍‌ୱାର୍କ ବୋଲି ଶ୍ରୀ ମାଲହୋତ୍ରା କହିଛନ୍ତି ।

## ଲଦାଖ ଏଲ୍‌ଜି-ଓଥ୍

ଜାମ୍ମୁ କାଶ୍ମୀରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କଭିନ୍ଦର ଗୁପ୍ତା ଆଜି ଲଦାଖର ଉପରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଲେହେ ସ୍ଥିତ ରାଜନିବାସ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଜାମ୍ମୁ କାଶ୍ମୀର ଓ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରୁଣ ପାଲ୍ଲି ଶ୍ରୀ ଗୁପ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ପରେ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ଶ୍ରୀ ଗୁପ୍ତା କହିଛନ୍ତି, ଲଦାଖକୁ ଏକ ବିକଶିତ କେନ୍ଦ୍ର ଶାସିତ ଅଞ୍ଚଳ ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ସେ ସବ୍ କା

ସାଥ୍ ସବ୍ କା ବିକାଶ ବାର୍ତ୍ତା ଅନୁଯାୟୀ ଜନସାଧାରଣଙ୍କ ଅତି ନିକଟତର ହୋଇ କାର୍ଯ୍ୟ କରିବେ ।

## ଏସ୍‌ସି-ଲାଲ ପିଟିସନ୍

ରାଷ୍ଟ୍ରୀୟ ଜନତା ଦଳ ନେତା ଲାଲୁ ପ୍ରସାଦ ଯାଦବଙ୍କ ବିରୁଦ୍ଧରେ ଅଦାଲତରେ ବିଚାରାଧୀନ ଚାକିରି ନିମନ୍ତେ ଜମି ମାମଲା ଉପରେ ସ୍ଥଗିତାଦେଶ ଆବେଦନକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି । ବିଚାରପତି ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦ୍ରେଶ୍ ଏବଂ ବିଚାରପତି ଜଷ୍ଟିସ୍ ଏନ୍. କୋଟିସ୍ୱର ସିଂହଙ୍କୁ ନେଇ ଗଠିତ ବେଞ୍ଚ ଏହାକୁ ଅଗ୍ରାହ୍ୟ କରି କହିଛନ୍ତି, ଏହି ମାମଲା ଉଚ୍ଚନ୍ୟାୟାଳୟରେ ବିଚାର ପାଇଁ ଆବେଦନ କରାଯିବା ଉଚିତ୍ । ତଳକୋର୍ଟ୍‌ରେ ଚାଲିଥିବା ଏହି ମାମଲା ଉପରେ ସ୍ଥଗିତାଦେଶ ଲାଗି ଲାଲୁ ଯାଦବଙ୍କ ଆବେଦନକୁ ବିଚାର କରି ଦିଲ୍ଲୀ ହାଇକୋର୍ଟ୍ ପୂର୍ବରୁ ଅଗ୍ରାହ୍ୟ କରିବା ସହିତ ଏଥିଲାଗି ସମ୍ପୃକ୍ତ ଅଦାଲତରେ ଆବେଦନ କରିବା ଲାଗି ପରାମର୍ଶ ଦେଇଥିଲେ । ସର୍ବୋଚ୍ଚ ଅଦାଲତଙ୍କ ଅଗ୍ରାହ୍ୟ ଦ୍ୱାରା ଏଣିକି ଏହି ମାମଲା ଶୁଣାଣି ପୂର୍ବ ଭଳି ତଳକୋର୍ଟ୍‌ରେ ପୁଣି ଚାଲୁ ରହିବ ।

# ପାକ୍ ରେନ୍

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ବର୍ଷା ଜନିତ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଛି । ସେଠାରେ ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷା ଓ ବନ୍ୟା ଯୋଗୁଁ ୬୩ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ହେବା ଯୋଗୁଁ ଏଭଳି ପଦକ୍ଷେପ ନିଆଯାଇଛି । ଲୋକଙ୍କର ଉଦ୍ଧାର ଲାଗି ପାକିସ୍ତାନ ସେନାକୁ ମଧ୍ୟ ସେଠାରେ ମୁତୟନ କରାଯାଇଛି । ନୁଲ୍‌ହା ଲେହରେ ହଠାତ୍ ବନ୍ୟା ଯୋଗୁଁ ରାଓଲପିଣ୍ଡି ସହରର ମଧ୍ୟ ଜଳମଗ୍ନ ହୋଇଛି । ସ୍ଥାନୀୟ ପାଣିପାଗ ବିଭାଗ ପକ୍ଷରୁ ବର୍ଷା ଜନିତ ସତର୍କ ସୂଚନା ଜାରି କରାଯାଇଥିବା ଦୃଷ୍ଟିରୁ ସହରବାସୀଙ୍କୁ ଘରେ ରହିବା ଲାଗି ଅନୁରୋଧ କରାଯାଇଛି ।